ବାତ୍ୟା ଓ ବନ୍ୟା କାରଣରୁ ଧନଜୀବନ ନଷ୍ଟ ହେବା ପ୍ରସଙ୍ଗ

# ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା କାରଣରୁ ଏହା ପ୍ରାକୃତିକ ଦୁର୍ବିପାକ ଜନିତ ମୃତ୍ୟୁ ନୁହେଁ ବରଂ ସରକାରୀ ପ୍ରାୟୋଜିତ ହତ୍ୟା : ବିଜେପି

- **ଏସଆରସିଙ୍କ ବହିଷ୍କାର ଦାବି**
- **ରାଜ୍ୟ ସରକାରଙ୍କୁ ସୁରକ୍ଷା ଦେବାପାଇଁ ପ୍ରଶାସନିକ ଅଧିକାରୀଙ୍କ ବୟାନ ଓଡିଆ ଲୋକଙ୍କ ପ୍ରତି ଉପହାସ**
- **ବନ୍ୟା ଓ ଜଳଘେରରେ ଜୀବନମରଣ ସହ ଲଢେଇ କରୁଥିବା ବେଳେ ସୋନି ମନୋରଞ୍ଜନ ଚ୍ୟାନେଲରେ ମୁଖ୍ୟମନ୍ତ୍ରୀ 'କୌନ ବନେଗା କୋରଡପତି କାର୍ଯ୍ୟକ୍ରମ'ରେ ଉତ୍ସବ ପାଳନ କରିବାକୁ ସମାଲୋଚନା**
- **ଓଡିଆ ଲୋକଙ୍କ ସ୍ୱାର୍ଥ କଥା କହି ମୁଖ୍ୟମନ୍ତ୍ରୀ ଯେଉଁ ନାଟକ କରୁଥିଲେ ଏହି ନାଟକର ପର୍ଦ୍ଦାଫାସ ତିତ୍‌ଲି କରିଛି**

**ଭୁବନେଶ୍ୱର, ତା.୧୩/୧୦:** ପାଣିପାଗ ବିଭାଗର ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ ସତ୍ତ୍ୱେ ରାଜ୍ୟ ସରକାରଙ୍କର ଅବହେଳା କାରଣରୁ ଅନେକ ମୂଲ୍ୟବାନ୍ ଜୀବନ ଯିବା କୌଣସି ବି କ୍ଷତିପୂରଣ ଏହାର ସମତୁଲ ହେବନାହିଁ ବୋଲି ବିଜେପି ମୁଖପାତ୍ର ଗୋଲକ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ।

ଓଡିଆ ଲୋକମାନେ ବନ୍ୟା ଓ ଜଳଘେରରେ ଜୀବନମରଣ ସହ ଲଢେଇ କରୁଥିବା ବେଳେ ସୋନି ମନୋରଞ୍ଜନ ଚ୍ୟାନେଲରେ ମୁଖ୍ୟମନ୍ତ୍ରୀ କୌନ ବନେଗା କୋରଡପତି କାର୍ଯ୍ୟକ୍ରମରେ ଉତ୍ସବ ପାଳନ କରିବାକୁ ସମାଲୋଚନା କରିଛନ୍ତି ଶ୍ରୀ ମହାପାତ୍ର । ମୁଖ୍ୟମନ୍ତ୍ରୀଙ୍କର ସାମାନ୍ୟତମ ମାନବୀୟ ସମ୍ବେଦନଶୀଳ ଥିଲେ ସେ ଏପରି କରିନଥାନ୍ତେ । ଓଡିଆ ଲୋକଙ୍କ ସ୍ୱାର୍ଥ କଥା କହି ମୁଖ୍ୟମନ୍ତ୍ରୀ ଯେଉଁ ନାଟକ କରୁଥିଲେ ଏହି ନାଟକର ପର୍ଦ୍ଦାଫାସ ତିତ୍‌ଲି କରିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଗଜପତି ଜିଲ୍ଲାରେ ୧୭ ଜଣଙ୍କ ସମେତ ବିଭିନ୍ନ ଜିଲ୍ଲାରେ ମୂଲ୍ୟବାନ୍ ଜୀବନ ଯିବା ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା କାରଣରୁ ଏହା ପ୍ରାକୃତିକ ଦୁର୍ବିପାକ ଜନିତ ମୃତ୍ୟୁ ନୁହେଁ ବରଂ ସରକାରୀ ପ୍ରାୟୋଜିତ ହତ୍ୟା ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଶ୍ରୀ ମହାପାତ୍ର ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀଙ୍କର ଦାୟିତ୍ୱହୀନ ଦାୟିତ୍ୱ ସମ୍ପାଦନ ଓ ଖାମଖିଆଲ ବକ୍ତବ୍ୟ ପାଇଁ ତୁରନ୍ତ ବହିଷ୍କାର ଦାବି କରିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଗଜପତି ଜିଲ୍ଲାର ମୃତ୍ୟୁ ବାତ୍ୟା କାରଣରୁ ନା ନାହିଁ ଏସଆରସି ବିଷ୍ଣୁପଦ ସେଠୀଙ୍କର ରାଜ୍ୟ ସରକାରଙ୍କୁ ସୁରକ୍ଷା ଦେବାପାଇଁ ଉର୍ଦ୍ଦିଷ୍ଟ ବୟାନ ଓଡିଆ ଲୋକଙ୍କ ପ୍ରତି ଉପହାସ ବୋଲି ସେ କହିଛନ୍ତି । ଦାୟିତ୍ୱସମ୍ପନ୍ନ ପଦବୀରେ ଥିବା ବ୍ୟକ୍ତିର ଏହି ପଦରେ ବସିବାର ଆଦୌ ଅଧିକାର ନାହିଁ ବୋଲି ସେ କହିଛନ୍ତି । ମୁଖ୍ୟଶାସନ ସଚିବଙ୍କ ଗଣମାଧ୍ୟମରେ ଦେଇଥିବା ବୟାନକୁ ସମାଲୋଚନା କରିଛନ୍ତି । ମୁଖ୍ୟଶାସନ ସଚିବ ଯେପରି ଭାବେ ମନ୍ତବ୍ୟ ଦେଇ କହିଛନ୍ତି ଏମିତି ହେବ ବୋଲି ଜାଣିନଥିଲୁ ଏହା ସରକାରଙ୍କୁ ସୁରକ୍ଷା ଦେବାପାଇଁ ମୁଖ୍ୟଶାସନ ସଚିବଙ୍କର ଦାୟିତ୍ୱହୀନ ମନ୍ତବ୍ୟ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**